ଡ. ମନମୋହନ ସିଂ                                        ୨୧ ଜୁଲାଇ ୨୦୧୧

ପ୍ରଧାନମନ୍ତ୍ରୀ, ଭାରତ ସରକାର

ସମ୍ମାନନୀୟ ପ୍ରଧାନମନ୍ତ୍ରୀ,

ଆମ୍ଭେ ଗୋଷ୍ଠୀ ଭାବରେ କିଛି ଗବେଷକ ଓ ସ୍ୱେଚ୍ଛାସେବୀ ଛାତ୍ରମାନେ ନିକଟରେ ତିନି ସପ୍ତାହ ଧରି ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ବିଷୟରେ ଦେଶସାରା ବୁଲି ସର୍ବେକ୍ଷଣ କରିଅଛୁ । ଆମ୍ଭେ ଏହି ଅଭିଜ୍ଞତାକୁ ଆଧାରକରି ଜାତୀୟ ଖାଦ୍ୟ ନିରାପତ୍ତା ବିଲ୍ ସମ୍ବନ୍ଧରେ କିଛି ଲିଖିତ ମତାମତ ପ୍ରଦାନ କରୁଛୁ ।

ଆମର ସର୍ବେକ୍ଷଣରେ ୧୦୦ରୁ ଅଧିକ ଗ୍ରାମ (Ramdomly selected) ନଅଟି ରାଜ୍ୟ (ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ, ହିମାଚଳ ପ୍ରଦେଶ, ଝାରଖଣ୍ଡ, ଓଡିଶା, ରାଜସ୍ଥାନ, ତାମିଲନାଡୁ ଓ ଉତ୍ତରପ୍ରଦେଶ) ମଧ୍ୟରୁ ନିଆଯାଇଥିଲା । ଆମେ ସ୍ଥାନୀୟ ସୁଲଭ ମୂଲ୍ୟ ଦୋକାନ ଯାଞ୍ଚ କରିଥିଲୁ ଓ ଏକ ହଜାରରୁ ଅଧିକ 'ବିପିଏଲ୍' ପରିବାରକୁ ସାକ୍ଷାତ କରିଥିଲୁ । ପ୍ରଚଣ୍ଡ ଉତ୍ତାପ ଓ ବର୍ଷାକୁ ଭୁଲି ଆମେ ଦେଶର ସବୁଠୁ ଦୁର୍ଗମ ସ୍ଥାନଗୁଡ଼ିକରେ ପହଞ୍ଚିଥିଲୁ ଓ ଲୋକଙ୍କ ସ୍ଥିତି ଓ ମତାମତକୁ ବୁଝିବାପାଇଁ କୌଣସି ସୁଯୋଗ ହାତଛଡା କରି ନ ଥିଲୁ ।

ଏହି ସର୍ବେକ୍ଷଣ ଦେଶସାରା ପିଡିଏସ୍‌ରେ ହୋଇଥିବା ପ୍ରଶଂସନୀୟ ସୁଧାରକୁ ସୁଚାଉଛି । କେବଳ ଅସାଧାରଣ ବ୍ୟତିକ୍ରମ ଆକାରରେ ବିହାର ରାଜ୍ୟକୁ ଛାଡି ପ୍ରତ୍ୟେକ ନମୁନା ରାଜ୍ୟରେ ନିକଟ ଅତୀତରେ ପିଡିଏସ୍‌ର ସୁଧାର ପାଇଁ ଅନେକ ଉଦ୍ୟମ କରାଯାଇଛି ଓ ଏହିସବୁ ପ୍ରଚେଷ୍ଟାର ସୁଫଳ ଦେଖିବାକୁ ମିଳିଛି । ଯଦିଓ ତାଙ୍କର ସଂପୂର୍ଣ୍ଣ ଶସ୍ୟ ହକ ପିଡିଏସ୍‌ରୁ ମିଳୁନାହିଁ (ମାସିକ ୩୫ କିଗ୍ରା ପର୍ଯ୍ୟନ୍ତ ସାଧାରଣ ମୂଲ୍ୟରେ) ତଥାପି ଅଧିକାଂଶ ନମୁନା ସର୍ବେକ୍ଷଣ କରାଯାଇଥିବା ପରିବାରଗୁଡ଼ିକ ସମ୍ପୂର୍ଣ୍ଣ ନହେଲେବି ମୋଟାମୋଟି ଶସ୍ୟ ପାଉଛନ୍ତି । । ପିଡିଏସ୍ ଶସ୍ୟର ଅଧା ସାମଗ୍ରୀ ଖୋଲା ବଜାରକୁ ଛଡାଯିବା ଦିନ ଏବେ ପ୍ରାୟ ଚାଲିଯାଇଛି ।

ଆମେ ଦେଖିଲୁ ଯେ ପିଡିଏସ୍ ଲକ୍ଷ ଲକ୍ଷ ଗ୍ରାମାଞ୍ଚଳର ଗରିବ ପରିବାରମାନଙ୍କ ପାଇଁ ଜୀବନ ରେଖା ପାଲଟି ଯାଇଛି । ଗୋଟିଏ ଠିକ୍ ଚାଲୁଥିବା ପିଡିଏସ୍ ପ୍ରକୃତପକ୍ଷେ ନିଶ୍ଚିତ କରୁଛି ଯେ ଘରେ ସର୍ବଦା ଖାଦ୍ୟ ମହଜୁଦ ଅଛି । ଏହା ଜୀବନ ନିର୍ବାହକ ସ୍ତରରେ ବାସ କରୁଥିବା ଲୋକଙ୍କ ପାଇଁ ବିଶାଳ ଉପଶମ ତଥା ସମସ୍ତଙ୍କ ପାଇଁ ଏକ ସ୍ୱାଗତଯୋଗ୍ୟ ସହାୟତା ଅଟେ । ଏହା ଭୋକ ନିବାରଣ କରିବା ପାଇଁ ଏକ ପଦକ୍ଷେପ, ଯାହା ଆମ ଦେଶକୁ ଶତାବ୍ଦୀ ଧରି ଗ୍ରାସ କରି ରଖିଛି ।

ଏହା ଖରାପ ଖବର ଯେ ବିପିଏଲ୍ ତାଲିକା ତ୍ରୁଟିପୂର୍ଣ୍ଣ ଅଟେ । ଅନେକ ରାଜ୍ୟରେ ସମୁଦାୟ ସଂପ୍ରଦାୟ ଏହି ତାଲିକାରୁ ବଞ୍ଚିତ ହୋଇଛନ୍ତି ଓ ପ୍ରାୟ ପ୍ରତ୍ୟେକ ସ୍ଥାନରେ ତ୍ରୁଟିପୂର୍ଣ୍ଣ ମାନଦଣ୍ଡ ଯୋଗୁଁ ବହୁ ଲୋକ ବାଦ୍ ପଡ଼ିଛନ୍ତି । ଏହା ପିଡିଏସ୍‌ର କାର୍ଯ୍ୟକାରିତାକୁ ସଙ୍କୁଚିତ କରିଅଛି ଯାହା ଖାଦ୍ୟ ନିରାପତ୍ତା ପାଇଁ ଏକ ଅସ୍ତ୍ର ଅଟେ । ତେଣୁ ଆମେ ନିକଟରେ ଶିକ୍ଷାବିତ୍, ଅର୍ଥନୀତିଜ୍ଞମାନଙ୍କ ଏକ ଗୋଷ୍ଠୀ ଦେଇଥିବା "ପାଖାପାଖି ସାର୍ବଜନୀନ ସାଧାରଣ ବଣ୍ଟନ ବ୍ୟବସ୍ଥା " ପ୍ରତି ସମର୍ଥନ କରୁ, ଯେଉଁଥିରେ କି ପ୍ରତ୍ୟେକ ପରିବାର ଖାଦ୍ୟ ସବ୍‌ସିଡି ପାଇବେ ଯଦି ସେମାନେ ସଂଜ୍ଞାଯୋଗ୍ୟ ବହିଷ୍କୃତ ମାନଦଣ୍ଡ ଭିତରେ ଆସିବେ ନାହିଁ ।

ଉପରୋକ୍ତ ଅର୍ଥନୀତିଜ୍ଞମାନେ ମଧ୍ୟ ବିଶ୍ୱାସ କରନ୍ତି ଯେ ପିଡିଏସ୍ ବଦଳରେ ନଗଦ ଟଙ୍କା ହସ୍ତାନ୍ତରର ଏକ ବିକଳ୍ପ ହେବା ପଛରେ ଏକ ଦୃଢ ତାତ୍ତ୍ୱିକ ଘଟଣା(ଯଦିଓ ଅନିର୍ଦ୍ଦିଷ୍ଟ) ରହିଛି । ଆମେ ଏହି ପ୍ରସ୍ତାବ ଉତ୍ତରଦାତାଙ୍କ ସହିତ ଆଲୋଚନା କଲୁ ଓ  ଦେଖିଲୁ ଯେ ଅଧିକାଂଶ ଲୋକ ଏହାକୁ ବିରୋଧ କରୁଛନ୍ତି । ଏହି ଅନିଚ୍ଛା ବିଶେଷଭାବରେ ଭଲ ପିଡିଏସ୍ ଚାଲୁଥିବା ଓ ଗରିବ ପରିବାର ମାନଙ୍କ ମଧ୍ୟରେ ଦେଖାଯାଇଥିଲା । ପୁନଶ୍ଚ ଆମେ ତାଙ୍କର ନଗଦ ଟଙ୍କା ହସ୍ତାନ୍ତରକୁ ବିରୋଧ କରିବାର କାରଣ ସାଧାରଣଭାବେ ବେଶ୍ ଚିନ୍ତାଶୀଳ ଓ ବିଶ୍ୱସନୀୟ ବୋଲି ଅନୁଭବ କଲୁ ।

ଅଧିକାଂଶ ମାମଲାରେ, କାରଣଗୁଡ଼ିକ ଖାଦ୍ୟ ସୁରକ୍ଷା ସହ ସମ୍ବନ୍ଧିତ- ଗରିବ ପରିବାରଗୁଡ଼ିକୁ ଚିନ୍ତିତ କରିଛି। ଉଦାହରଣ ସ୍ୱରୂପ, ଅନେକ ଉତ୍ତରଦାତା ବ୍ୟସ୍ତ ହୋଇପଡ଼ିଥିଲେ ଯେ ସବ୍‌ସିଡ଼ି ବାବଦ ଅର୍ଥର ଅପବ୍ୟବହାର କିମ୍ବା ଦୁରୁପଯୋଗ ହୋଇପାରେ। ଯେଉଁଠାରେ ବଜାର ଦୂରରେ ଅଛି, କେଉଁଠାରୁ ଖାଦ୍ୟଶସ୍ୟ କିଣିବେ ସେଥିପାଇଁ ସେମାନେ ଘୁରିବୁଲିବେ ଏବଂ ଯଦି ସ୍ଥାନୀୟଭାବେ ଖାଦ୍ୟଶସ୍ୟର ଅଚାନକ ଦରବୃଦ୍ଧି ଘଟେ ତେବେ ସେମାନେ କିପରି ଖାପଖୁଆଇପାରିବେ। ଏପରିକି ବଜାର ଯେଉଁଠାରେ ପାଖରେ ଅଛି, ସେଠାରେ ଭୟ ଓ ଆଶଙ୍କା ରହିଛି ଯେ ଯଦି ସାଧାରଣବଣ୍ଟନ ବ୍ୟବସ୍ଥା ବନ୍ଦ ହୋଇଯାଏ ତେବେ ବ୍ୟବସାୟୀମାନେ ଦରବୃଦ୍ଧି କରିପାରନ୍ତି। ଠିକ୍‌ସେହିଭଳି, ସ୍ଥାନୀୟ ବ୍ୟାଙ୍କଗୁଡ଼ିକ ଦୂରରେ ଅବସ୍ଥିତ ଓ ଗହଳିପୂର୍ଣ୍ଣ ଯାହାକି କାରବାର କରିବା କଷ୍ଟକର ହୋଇପଡୁଛି। ଜାତୀୟ ଗ୍ରାମୀଣ ନିର୍ଶ୍ଚିତ କର୍ମନିଯୁକ୍ତି ଯୋଜନାରେ ମଜୁରି ଦେୟ କ୍ଷେତ୍ରରେ ବ୍ୟାଙ୍କ କାରବାରର ତିକ୍ତ ଅନୁଭୂତି ଅନେକ ଉତ୍ତରଦାତାଙ୍କର ରହିଛି। ଅନ୍ୟପକ୍ଷରେ, ସ୍ଥାନୀୟ ସୁଲଭ ମୂଲ୍ୟ ଦୋକାନଗୁଡ଼ିକ ସୁବିଧା ଓ ସୁଗମ ରହିଥିବାରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି। ଯେଉଁଠାରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଠିକ୍‌ଭାବେ କାର୍ଯ୍ୟକ୍ଷମ ନୁହେଁ, ବିଶେଷକରି ବିହାର ଓ ଉତ୍ତରପ୍ରଦେଶର କିଛି ଅଂଶରେ, ସେଠାରେ ସମ୍ଭାବିତ ବିକଳ୍ପ ସ୍ୱରୂପ ନଦଗ ଅର୍ଥ ପ୍ରତି ରୁଚି ରହିଛି।

ତଦନୁସାରେ, ଆମ୍ଭେ ଆପଣଙ୍କୁ ସବିନୟ ଅନୁରୋଧ କରୁକି, ତରବରିଆଭାବେ ଖାଦ୍ୟ ବଦଳରେ ନଗଦ ଅର୍ଥ ବ୍ୟବସ୍ଥା ଭଳି ନିଷ୍ପତ୍ତି ବିରୋଧରେ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଆଇନରେ ଶକ୍ତିଶାଳୀ ସମ୍ଭାବ୍ୟ ଉପାୟଗୁଡ଼ିକୁ ସାମିଲ କରାଯାଉ।

ଆମ୍ଭେ ସ୍ୱୀକାର କରୁଛୁ ଯେ ବାସ୍ତବରେ, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଉନ୍ନତି ପାଇଁ ଯଥେଷ୍ଟ ପରିସର ଓ ଜରୁରୀ ଆବଶ୍ୟକତା ରହିଛି। ଆମ୍ଭମାନଙ୍କର କିଛି ପ୍ରସ୍ତାବ ମଧ୍ୟ ରହିଛି, ଆପଣଙ୍କ ସହିତ ସୁବିଧା ଅନୁସାରେ ସେଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରିପାରିବୁ।

ଆପଣଙ୍କର ବିଶ୍ୱସ୍ତ

ଆମ୍ଭେ

Anindita Adhikari (independent researcher, Patna), Ankita Aggarwal (independent researcher, Delhi), Megha Bahl (Delhi School of Economics, Delhi), Pooja Balasubramanian (St. Xavier's College, Mumbai), Balu (Jawaharlal Nehru University, Delhi), B. Lakshmi (Kirori Mal College, Delhi), Manish Choudhary (Hindu College, Delhi), Sakina Dhorajiwala (Jai Hind College, Mumbai), Jean Drèze (University of Allahabad), Anchal Dutt (Law college, Delhi University), Aashish Gupta (University of Allahabad), Aparna John (independent researcher, Delhi), Purava

Joshi (St. Xavier's College, Mumbai), Samyuktha Kanan (IIT, Madras), Reetika Khera (IIT, Delhi), Sirus Joseph Liberio (University of Mumbai), Radhika Lokur (St. Xavier's College, Mumbai), Aleesha Mary Joseph (St. Stephen's college, Delhi), Swathi Meenakshi (Anna University, Madras), Karuna Muthiah (independent researcher, Dindigul), Bijayani Mohanty (independent researcher, Bhuwaneshwar), Rajkishore Mishra (independent researcher, Bhuwaneshwar), Kuber Nag (IIT, Madras), Sudha Narayanan (Cornell University), Soheb Niazi (Jawharlal Nehru University, Delhi), Gaurav Poddar (St. Stephen's college, Delhi), Raghav Puri (Lee Kuan Yew School of Public Policy, Singapore), Aakriti Rai (St. Xavier's College, Mumbai), Kshama Raj (University of Hyderabad), Alamu Rathinasabapathy (Jawaharlal Nehru University, Delhi), Sambhu Sahu (independent researcher, Bhuwaneshwar), Ria Singh Sawhney (Law college, Delhi University), Trishna Senapaty (Delhi School of Economicsfor Women, Delhi), Ujjainee Sharma (Delhi School of Economics, Delhi), Dipa Sinha (Jawaharlal Nehru University, Delhi), Neenu Suresh (Law College, Delhi University), Chitrank Upadhyay (Zakir Hussain College, Delhi), Jijo Vadukoot (University of Mumbai), Eklavya Vasudeva (Law college, Delhi University)

## ସାଧାରଣ ବଣ୍ଟନ ବ୍ୟବସ୍ଥା ସର୍ଭେ ୨୦୧୧
## ମନୋନୀତ ସିଦ୍ଧାନ୍ତ

ସାଧାରଣ ବଣ୍ଟନ ବ୍ୟବସ୍ଥାର ଏକ ସର୍ବେକ୍ଷଣ ଭାରତର ୯ଟି ରାଜ୍ୟରେ ସ୍ୱେଚ୍ଛାକୃତ ଭାବେ ଛାତ୍ର-ଛାତ୍ରୀମାନଙ୍କ ଦ୍ୱାରା ମଇ-ଜୁନ୍ ମାସ ୨୦୧୧ରେ କରାଯାଇଥିଲା । ଏଥିରୁ ମିଳିଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ:

୧. ସାଧାରଣ ବଣ୍ଟନ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ପୁନରୁଦ୍ଧାର କରାଯାଇଛି (ରାଜ୍ୟ ଯଥା: ଓଡ଼ିଶା ଓ ଉତ୍ତରପ୍ରଦେଶ) ମୁଖ୍ୟ ବ୍ୟତିକ୍ରମ: ବିହାର
୨. ଯେଉଁଠାରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଭଲଭାବରେ ଚାଲୁଛି, ସେଠାରେ ଲୋକମାନେ ଅର୍ଥ ବଦଳରେ ଖାଦ୍ୟ ପସନ୍ଦ କରୁଛନ୍ତି ।

| | ପିଡ଼ିଏସ୍ ସାମଗ୍ରୀର ହାରାହାରି ମାସିକ କ୍ରୟ (କି.ଗ୍ରା/ପରିବାର) | "ସମ୍ପୂର୍ଣ୍ଣ କୋଟା" ଅନୁପାତରେ ହାରାହାରି କ୍ରୟ (%) | ଉତ୍ତରଦାତାଙ୍କ ଅନୁପାତ (%), ଯେଉଁମାନେ: | |
|---|---|---|---|---|
| | | | ଅର୍ଥ ବଦଳରେ ଖାଦ୍ୟ ପସନ୍ଦ | ଖାଦ୍ୟ ବଦଳରେ ଅର୍ଥ ପସନ୍ଦ |
| ଆନ୍ଧ୍ରପ୍ରଦେଶ | ୧୪.୯ | ୯୯ | ୯୧ | ୬ |
| ଓଡ଼ିଶା | ୨୯.୨ | ୯୭ | ୮୮ | ୬ |
| ଛତିଶଗଡ଼ | ୩୩.୩ | ୯୫ | ୯୦ | ୨ |
| ହିମାଚଳପ୍ରଦେଶ | ୩୭.୧ | ୯୩ | ୮୧ | ୯ |
| ତାମିଲନାଡୁ | ୧୭.୯ | ୯୨ | ୭୧ | ୧୧ |
| ରାଜସ୍ଥାନ | ୨୬.୦ | ୮୭ | ୬୦ | ୧୫ |
| ଉତ୍ତରପ୍ରଦେଶ | ୩୦.୭ | ୭୭ | ୪୨ | ୩୪ |
| ଝାରଖଣ୍ଡ | ୨୪.୯ | ୭୧ | ୬୬ | ୨୨ |
| ବିହାର | ୧୧.୨ | ୪୫ | ୨୧ | ୫୪ |
| ସମସ୍ତ ରାଜ୍ୟ (ସମୁଦାୟ) | ୨୪.୦ | ୮୪ | ୬୭ | ୧୮ |

**"ସମ୍ପୂର୍ଣ୍ଣ କୋଟା"**ର ଅର୍ଥ ସରକାରୀ ମାନକ ଅନୁସାରେ ନମୁନାଭାବେ ନିଆଯାଇଥିବା ପରିବାରଗୁଡ଼ିକର ପିଡ଼ିଏସ୍ ସାମଗ୍ରୀ ହକ। ନିକଟରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ବଳରେ ଯୋଗାଣ କରାଯାଇଥିବା ଅତିରିକ୍ତ ଶସ୍ୟ କୋଟାକୁ ହିମାଚଳ ପ୍ରଦେଶ, ଓଡ଼ିଶା, ରାଜସ୍ଥାନ ଏବଂ ଉତ୍ତରପ୍ରଦେଶ ପାଇଁ ହିସାବକୁ ନିଆଯାଇଛି, ଅନ୍ୟ ରାଜ୍ୟଗୁଡ଼ିକ ଏହି ଅତିରିକ୍ତ କୋଟା ଉଠାଇ ନାହାନ୍ତି। ଓଡ଼ିଶା ପାଇଁ କେବଳ ଚାଉଳ ପରିମାଣ ନିଆଯାଇଛି (ଗହମ ସ୍ପଷ୍ଟ ନାହିଁ)।

**<u>ଟୀପ୍ପଣୀ:</u>** ପ୍ରତ୍ୟେକ ନମୁନା ରାଜ୍ୟର ଦୁଇଟି ଜିଲ୍ଲାରୁ ଭିନ୍ନ ଭିନ୍ନ ସ୍ଥାନ ଓ ସ୍ତରରୁ ନିଆଯାଇଥିବା ମୋଟ **୧୦୬**ଟି ଗ୍ରାମରେ ସର୍ଭେ କରାଯାଇଥିଲା। ଏହା **୧୨୨୭**ଟି ବିପିଏଲ୍ ("ଅନ୍ତ୍ୟୋଦୟ" ପରିବାର ଏବଂ ସେହି ଶ୍ରେଣୀର ପରିବାରଗୁଡ଼ିକ ସମେତ) ପରିବାରକୁ ଅନ୍ତର୍ଭୁକ୍ତ କରିଛି। ଏହି ଗାଣିତିକ ହିସାବ କେବଳ ବର୍ତ୍ତମାନର ଆବଶ୍ୟକତା ମେଣ୍ଟାଇବା ପାଇଁ ଉଦ୍ଦିଷ୍ଟ ଏବଂ ଛୋଟ ଛୋଟ ସଂଶୋଧନ କରାଯାଇପାରେ।

**ଓଡ଼ିଶା ଖାଦ୍ୟ ଅଧିକାର ଅଭିଯାନ ତରଫରୁ ନାରାୟଣ ଜେନା ଓ ସମ୍ଭୁ ସାହୁଙ୍କ ଦ୍ୱାରା ଅନୁବାଦିତ।**